## ପ୍ରଥମ ଅଧ୍ୟାୟ

# ଓଡ଼ିଆ ଭାଷା : ଧ୍ୱନି, ଲିପି, ମାତ୍ରା, ଫଳା ଓ ଶବ୍ଦ

### ୧.୧ : ଭାଷା ଓ ଓଡ଼ିଆଭାଷା

'ଭାଷା' ହେଉଛି ମଣିଷର ମୁଖ ନିଃସୃତ ନିୟମବଦ୍ଧ ଧ୍ୱନିମାନଙ୍କର ସମାହାର । ଏହା ସାହାଯ୍ୟରେ ସମାଜ ମଧ୍ୟରେ ବସବାସ କରୁଥିବା ମଣିଷ ତା'ର କାର୍ଯ୍ୟ ସମ୍ପାଦନ କରେ । ମନୁଷ୍ୟ ତା'ର ଚିନ୍ତନ ଶକ୍ତି ଯୋଗୁ ଜୀବଜଗତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି । ସେ ତା' ମନର ଭାବନାକୁ ଭାଷା ମାଧ୍ୟମରେ ରୂପ ଦିଏ ଓ ତା'ରି ସାହାଯ୍ୟରେ ବହୁ ବିବିଧ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମର୍ଥ ହୁଏ । ଭାଷା ନଥିଲେ ମଣିଷ ମନର ଭାବକୁ ପ୍ରକାଶ କରିବା ଖୁବ୍ କଷ୍ଟକର ହୁଅନ୍ତା । ଅନ୍ୟ ନିକଟରେ ନିଜ ଚିନ୍ତାର ପରିପ୍ରକାଶ, ପରସ୍ପର ସହ ସମ୍ପର୍କ ପ୍ରତିଷ୍ଠା ଓ ଅନ୍ୟର ଉଦ୍ଦେଶ୍ୟ ଉପଲବ୍ଧି- ଏସବୁ ଭାଷା ଦ୍ୱାରା ସମ୍ଭବ ହୋଇଥାଏ ।

ପୃଥିବୀରେ ବହୁ ପ୍ରକାରର ଭାଷା ପ୍ରଚଳିତ । ଭାରତବର୍ଷରେ ମଧ୍ୟ ବିଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ଭାଷା କୁହାଯାଇଥାଏ । ଇଂରାଜୀ, ଚୀନ୍, ଜର୍ମାନୀ, ଫରାସୀ, ଜାପାନୀ ଓ ହିନ୍ଦୀ ପ୍ରଭୃତି ହେଉଛି ପୃଥିବୀର କେତେଗୁଡ଼ିଏ ମହତ୍ତ୍ୱପୂର୍ଣ୍ଣ ଭାଷା । ପ୍ରାଚୀନ କାଳରେ ସମଗ୍ର ଭାରତବର୍ଷରେ ସଂସ୍କୃତଭାଷାର ବିଶେଷ ଆଦର ଥିଲା । ବେଦର ଭାଷା ଥିଲା ବୈଦିକ ସଂସ୍କୃତ । ଏହା ହେଉଛି ସର୍ବ ପୁରାତନ ଭାଷା । ଏହାର ପରବର୍ତ୍ତୀ ସ୍ତର ହେଉଛି ଲୌକିକ ସଂସ୍କୃତ । ସମୟ ସ୍ରୋତରେ ତିନିଗୋଟି ସ୍ତର ଦେଇ ସଂସ୍କୃତଭାଷାର ବିବର୍ତ୍ତନ ଘଟିଲା । ସେହି ତିନିଗୋଟି ସ୍ତର ହେଲା- ପାଲି, ପ୍ରାକୃତ ଓ ଅପଭ୍ରଂଶ । ଅପଭ୍ରଂଶ ସ୍ତରରୁ ଅନ୍ୟାନ୍ୟ ଆଧୁନିକ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକ ପରି ଓଡ଼ିଆଭାଷାର ବିକାଶ ଘଟିଛି । ଓଡ଼ିଆଭାଷାର ଏକ ସୁଦୃଢ଼ ପ୍ରାଚୀନ ପରମ୍ପରା ରହିଛି । ଅପଭ୍ରଂଶ ଭାଷାରେ (ପୂର୍ବ ମାଗଧୀ ଅପଭ୍ରଂଶ) ରଚିତ ଚର୍ଯ୍ୟାଗୀତିକାଗୁଡ଼ିକ ହେଉଛି ଓଡ଼ିଆଭାଷାର ପ୍ରାଚୀନତମ ନମୁନା । ସାରଳା ଦାସଙ୍କ ମହାଭାରତ ରଚନା ବେଳକୁ ଓଡ଼ିଆଭାଷା ପୂର୍ଣ୍ଣ ବିକଶିତ ଅବସ୍ଥା ପ୍ରାପ୍ତ ହୋଇଥିଲା । ସାରଳା ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ବଳରାମ ଦାସଙ୍କ ଜଗମୋହନ ରାମାୟଣ, ଉପେନ୍ଦ୍ରଭଞ୍ଜଙ୍କ କାବ୍ୟକବିତା, ମଧୁସୂଦନ ଓ ଫକୀରମୋହନଙ୍କ ରଚନା ସମ୍ଭାରକୁ ଅନୁଧ୍ୟାନ କଲେ ପ୍ରାଚୀନ କାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ଓଡ଼ିଆଭାଷାର ବିକାଶ କ୍ରମକୁ ଉପଲବ୍ଧି କରାଯାଇ ପାରିବ ।

### ୧.୨ : ଭାଷାର ରୂପରେଖ

ଭାଷାକୁ ସାଧାରଣ ଭାବରେ ଦୁଇଗୋଟି ଭାଗରେ ବିଭକ୍ତ କରାଯାଇଥାଏ । ତାହା ହେଲା- (କ) କଥିତ (ଖ) ଲିଖିତ । ଆମେ ଯେତେବେଳେ ଅନ୍ୟମାନଙ୍କ ସହ କଥାବାର୍ତ୍ତା କରି ନିଜର ଭାବ ବିନିମୟ କରୁ, ତାହା ହେଉଛି ଭାଷାର କଥିତ ରୂପ । କିନ୍ତୁ ଆମେ ଯେତେବେଳେ ପତ୍ରପତ୍ରିକା ବା ପୁସ୍ତକ ମାଧ୍ୟମରେ ଅନ୍ୟର ବିଚାର ଓ ଚିନ୍ତାଧାରା ଜାଣିବାକୁ ପାଇଥାଉ କିମ୍ବା କୌଣସି ବ୍ୟକ୍ତିଙ୍କୁ ଚିଠି ଲେଖୁ ତାହା ହେଉଛି ଭାଷାର ଲିଖିତ ରୂପ । ରାମାୟଣ, ମହାଭାରତ, ଭାଗବତ ପ୍ରଭୃତି ପ୍ରସିଦ୍ଧ ଗ୍ରନ୍ଥ ହେଉଛି ଲିଖିତ ଭାଷାର ନିଦର୍ଶନ ।

ପୃଥିବୀରେ ପ୍ରତ୍ୟେକ ବସ୍ତୁ ଯେପରି ପରିବର୍ତ୍ତନଶୀଳ, ଭାଷା ମଧ୍ୟ ସେହିପରି ପରିବର୍ତ୍ତନଶୀଳ । ଏହି ପରିବର୍ତ୍ତନ ପ୍ରଥମେ ଭାଷାର ବାହ୍ୟ ସ୍ତରରେ ଦେଖାଦିଏ ଓ ପରେ ଏହା ଅନ୍ତର୍ନିହିତ ସ୍ତରରେ ଆତ୍ମପ୍ରକାଶ କରେ । ଧ୍ୱନି ଓ ଶବ୍ଦ

ଭାଷାର ବାହ୍ୟ ସ୍ତର ହେଲାବେଳେ, ଅର୍ଥ ହେଉଛି ଭାଷାର ଅନ୍ତର୍ନିହିତ ସ୍ତର । ଏହି ପରିବର୍ତ୍ତନ ଶୀଘ୍ର ହୁଏ କଥିତ ଭାଷାରେ; କିନ୍ତୁ ଲିଖିତଭାଷାରେ ପରିବର୍ତ୍ତନ ପାଇଁ ଅନେକ ସମୟ ଲାଗେ । ଏହି ପରିବର୍ତ୍ତନ ପାଇଁ ଅନେକ ସାମାଜିକ, ସାଂସ୍କୃତିକ ଓ ଐତିହାସିକ କାରଣଗୁଡ଼ିକ ଦାୟୀ । ଏହି ପରିବର୍ତ୍ତନ ଯୋଗୁ ଗୋଟିଏ ଭାଷାରୁ କାଳକ୍ରମେ ଅନେକ ଭାଷା ଓ ଉପଭାଷା ସୃଷ୍ଟି ହୁଏ । ଗୋଟିଏ ଭାଷା ସହିତ ଅନେକ ଭାଷାର ଶବ୍ଦ ଆସି ମିଶିଯାଏ । ଓଡ଼ିଆ ଭାଷା ସଂସ୍କୃତରୁ ସୃଷ୍ଟି ହୋଇଛି ଏବଂ ଏଥିରେ କାଳକ୍ରମେ ଆଦିବାସୀ, ଦ୍ରାବିଡ଼, ଯାବନିକ ଗୋଷ୍ଠୀର ଭାଷା ଓ ୟୁରୋପୀୟ ଭାଷା ଗୋଷ୍ଠୀର ପ୍ରଭାବ ପଡ଼ିଛି ।

## ୧.୩ : ଉପଭାଷା ଓ ଆଞ୍ଚଳିକ ଭାଷା

ଅଞ୍ଚଳ ଭେଦରେ ରହିଥିବା ଭାଷାର ରୂପକୁ ଆଞ୍ଚଳିକ ଭାଷା ନାମରେ ଅଭିହିତ କରାଯାଏ । ଭାଷାର ଲିଖିତ ରୂପ ଏକ ପ୍ରକାରର ହୋଇଥିଲେ ମଧ୍ଯ ଅଂଚଳ ଭେଦରେ ଏହା ଭିନ୍ନ ଭିନ୍ନ ଭାବରେ କଥିତ ହୁଏ । ଆମ ଓଡ଼ିଶା ପ୍ରଦେଶର ମାନକ ଭାଷା ‘ଓଡ଼ିଆ’ । ମାତ୍ର ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ, ଉତ୍ତରାଞ୍ଚଳ ଭେଦରେ ଭାଷାର କଥିତ ଆଂଚଳିକ ରୂପ ମଧ୍ୟ ରହିଛି ।

## ୧.୪ : ଲିପି

ମଣିଷ ଯେଉଁ ଭାଷାରେ କଥାବାର୍ତ୍ତା କରେ, ତାକୁ ଚିରସ୍ଥାୟୀ କରିବାର ପ୍ରଚେଷ୍ଟା ମଧ୍ଯରୁ ଲିପିର ଜନ୍ମ । ଲିପି ମାଧ୍ୟମରେ ମୁଖ ଉଚ୍ଚାରିତ ଧ୍ୱନିକୁ ସାଙ୍କେତିକ ରୂପ ଦିଆଯାଇଥାଏ । ମନେ ରଖିବାକୁ ହେବ ଯେ, କୌଣସି ଏକ ଭାଷାରେ ଲିପି ଆଗ ସୃଷ୍ଟି ହୋଇନଥାଏ । ଭାଷା ପ୍ରଥମେ ମୌଖିକ ରୂପ ନିଏ, ପରେ ଲିପି ସଙ୍କେତ ମାଧ୍ୟମରେ ଏହି କଥିତ ରୂପକୁ ଚିରସ୍ଥାୟୀ କରି ରଖିବାର ବ୍ୟବସ୍ଥା କରାଯାଏ । ଲିପି ସୃଷ୍ଟିର ଇତିହାସ ବିଶ୍ଳେଷଣ କଲେ ଜଣାପଡ଼େ ଯେ ଅଶୋକଙ୍କ ସମୟରେ ଭାରତବର୍ଷରେ ଦୁଇ ପ୍ରକାରର ଲିପି ପ୍ରଚଳିତ ଥିଲା । ଗୋଟିଏ ବ୍ରାହ୍ମୀଲିପି ଅନ୍ୟଟି ଖରୋଷ୍ଠୀ । ଅଶୋକଙ୍କ ଅନୁଶାସନଗୁଡ଼ିକ ମଧ୍ଯରୁ କେତେକ ବ୍ରାହ୍ମୀ ଓ ଆଉ କେତେକ ଖରୋଷ୍ଠୀ ଲିପିରେ ଖୋଦିତ ହୋଇଛି । କ୍ରମେ ଖରୋଷ୍ଠୀଲିପିର ପ୍ରଚଳନ ବନ୍ଦ ହେଲା ଓ ବ୍ରାହ୍ମୀଲିପି ପ୍ରସାର ଲାଭ କଲା । ଉଣାଅଧିକେ ଭାରତବର୍ଷର ଲିପିମାଳା ଏହି ବ୍ରାହ୍ମୀଲିପିରୁ ସୃଷ୍ଟି ହୋଇଛି । ବ୍ରାହ୍ମୀଲିପି ଅଶୋକ, ଖାରବେଳ, ଗୁପ୍ତରାଜତ୍ୱ, ଶୈଳୋଦ୍‌ଭବ ଓ ସୋମବଂଶୀ ରାଜତ୍ୱ କାଳ ଦେଇ କୁଟିଳ ଓ ସୂକ୍ଷ୍ମକୋଣୀ ରୂପଧାରଣ କରି ମାଗଧୀ ଲିପିରେ ପରିଣତ ହୋଇଛି । ଏକାଦଶରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଓଡ଼ିଆଲିପି ଦକ୍ଷିଣ ଭାରତୀୟ ଲିପିର ପ୍ରଭାବରେ ଗୋଲାକୃତ ହୋଇଛି । ଆଧୁନିକ ଓଡ଼ିଆଲିପିର ଦୁଇ ପ୍ରକାରର ଲିଖନ ପଦ୍ଧତି ରହିଛି । ଗୋଟିଏ ସାଧାରଣୀ ଓ ଅନ୍ୟଟି କରଣୀ । ଜନସାଧାରଣଙ୍କ ଲେଖାପଢ଼ା ଓ ପୁସ୍ତକ ମୁଦ୍ରଣ ପ୍ରଭୃତିରେ ସାଧାରଣୀ ଲିପିର ବ୍ୟବହାର ଦେଖିବାକୁ ମିଳିଥାଏ । ତାଳପତ୍ର ପୋଥିମାନଙ୍କରେ କରଣୀ ଲିପିର ବ୍ୟବହାର ଦେଖିବାକୁ ମିଳେ ।

## ୧.୫ : ଓଡ଼ିଆ ଧ୍ୱନି ଓ ବର୍ଣ୍ଣମାଳାର ସ୍ୱରୂପ

ଧ୍ୱନି, ବର୍ଣ୍ଣ, ଶବ୍ଦ, ବାକ୍ୟ ଓ ଅର୍ଥ– ଏସବୁ ଯେକୌଣସି ଭାଷାର ବିଭିନ୍ନ ବିଭାଗ । ଶବ୍ଦର ପ୍ରକାଶ ମାଧ୍ୟମ ଦୁଇଟି । ଗୋଟିଏ ହେଲା ଧ୍ୱନି ଓ ଅନ୍ୟଟି ବର୍ଣ୍ଣ । ଶବ୍ଦ ହେଉଛି– ଧ୍ୱନିମାନଙ୍କର ସମାହାର । ଏହି ଧ୍ୱନିଗୁଡ଼ିକ ହେଲା ମୁଖ ଉଚ୍ଚାରିତ ସାର୍ଥକ ଧ୍ୱନି । ଅନ୍ୟ ଭାବରେ କହିବାକୁ ଗଲେ ଧ୍ୱନି ରୂପେ ଶବ୍ଦ ଉଚ୍ଚାରିତ ହୁଏ ଓ ବର୍ଣ୍ଣ ରୂପେ ଲିଖିତ

ହୁଏ । ବର୍ଣ୍ଣ ହେଉଛି ଧ୍ୱନିର ସାଙ୍କେତିକ ରୂପ । ଧ୍ୱନିର ଲିଖନ ସଂକେତକୁ ଲିପି ଓ ଅକ୍ଷର ନାମରେ ଚିହ୍ନିତ କରାଯାଏ । ଭାଷାରେ ବ୍ୟବହୃତ ବର୍ଣ୍ଣ ସମଷ୍ଟି ହେଉଛି ବର୍ଣ୍ଣମାଳା । ଭାଷା କ୍ଷେତ୍ରରେ ଲକ୍ଷ୍ୟ କରାଯାଏ ଯେ କେତେକ ଭାଷାରେ ଧ୍ୱନି ସଂଖ୍ୟା କମ୍ ଥିଲାବେଳେ ଅକ୍ଷର ସଂଖ୍ୟା ବେଶୀ । ଆଉ କେତେକ ଭାଷାରେ ଧ୍ୱନି ସଂଖ୍ୟା ବେଶି ଥିଲାବେଳେ ଅକ୍ଷର ସଂଖ୍ୟା କମ୍ । ପ୍ରଥମଟିର ଉଦାହରଣ ହେଉଛି ଓଡ଼ିଆ ଭାଷା । ମନେ ରଖିବାକୁ ହେବ ଯେ ଜଣକର ଉଚ୍ଚାରଣ ସହିତ ଅନ୍ୟମାନଙ୍କର ଶ୍ରବଣ ସଂପୃକ୍ତ । ପୁଣି ଜଣକର ଲିଖନ ସହିତ ଅନ୍ୟମାନଙ୍କର ପଠନ ମଧ୍ୟ ସଂପୃକ୍ତ । ଉଚ୍ଚାରଣ ଓ ଲିଖନ ହେଉଛି ଭାଷାର ପ୍ରକାଶ ପଦ୍ଧତି । ଶ୍ରବଣ ଓ ପଠନ ହେଉଛି ଏହାର ଗ୍ରହଣ ପଦ୍ଧତି । ତେଣୁ ଭାଷା ଉପରୋକ୍ତ ଚାରିଗୋଟି ପଦ୍ଧତି ଦେଇ ସଂପ୍ରସାରିତ ହୁଏ ।

ପ୍ରତ୍ୟେକ ଭାଷାରେ ଧ୍ୱନି, ବର୍ଣ୍ଣ, ଶବ୍ଦ, ପଦ ଓ ବାକ୍ୟର ବିଶ୍ଳେଷଣ ପାଇଁ ଯେଉଁ ନିୟମ ବା ସୂତ୍ରଗ୍ରନ୍ଥ ରଚିତ ହୋଇଥାଏ, ତାହାକୁ ସେହିସେହି ନିର୍ଦ୍ଦିଷ୍ଟ ଭାଷାର **'ବ୍ୟାକରଣ'** ଭାବରେ ଗ୍ରହଣ କରାଯାଏ । ଓଡ଼ିଆ ଭାଷାର ବ୍ୟାକରଣ ଗ୍ରନ୍ଥ ଏ ଭାଷାର ଶୁଦ୍ଧତା ରକ୍ଷା କରିବା ପାଇଁ ରଚିତ ।

ଓଡ଼ିଆ ଭାଷାରେ ଉଚ୍ଚାରଣ ପଦ୍ଧତି ସହିତ ସମ୍ପୃକ୍ତ ଧ୍ୱନି ସମୂହକୁ ଦୁଇ ଭାଗରେ ବିଭକ୍ତ କରାଯାଏ– **ସ୍ୱର ଧ୍ୱନି** ଓ **ବ୍ୟଞ୍ଜନ ଧ୍ୱନି** ।

### ୧.୬ : ସ୍ୱର ଧ୍ୱନି :

**ଯେଉଁ ଧ୍ୱନି ଉଚ୍ଚାରଣ ସମୟରେ ମୁଖରନ୍ଧ୍ର ଓ ଗଳଗହ୍ୱର ମଧ୍ୟରେ ଫୁସ୍‌ଫୁସ୍ ନିର୍ଗତ ବାୟୁ ବାଧା ନପାଇ କିମ୍ବା କୌଣସି ସଂକୀର୍ଣ୍ଣ ମାର୍ଗ ମଧ୍ୟରେ ନଯାଇ ପ୍ରବାହିତ ହୁଏ, ତାହାକୁ ସ୍ୱରଧ୍ୱନି କୁହାଯାଏ ।**

ଓଡ଼ିଆ ଭାଷାରେ ଆଠଗୋଟି ସ୍ୱର ଧ୍ୱନି ରହିଛି । ସେଗୁଡ଼ିକ ହେଲା- ଅ, ଆ, ଇ, ଉ, ଏ, ଓ, ଐ, ଔ । ଏଥି ମଧ୍ୟରୁ 'ଅ, ଆ, ଇ, ଉ, ଏ, ଓ' ସ୍ୱର ଧ୍ୱନିଗୁଡ଼ିକୁ ଶୁଦ୍ଧ ବା ମୌଳିକ ସ୍ୱର କୁହାଗଲାବେଳେ 'ଐ, ଔ'କୁ ସଂଯୁକ୍ତ ସ୍ୱର ଧ୍ୱନି କୁହାଯାଇଥାଏ । ଆମ ବର୍ଣ୍ଣମାଳାରେ 'ଈ, ଊ, ଋ' ଏହି ତିନୋଟି ସ୍ୱରବର୍ଣ୍ଣ ରହିଥିଲେ ମଧ୍ୟ ସେଗୁଡ଼ିକର ସାର୍ଥକ ଉଚ୍ଚାରଣ ନାହିଁ । ଆମେ 'ଈ' 'ଊ' କୁ ଯଥାକ୍ରମେ ଇ, ଉ, ଭାବରେ ଉଚ୍ଚାରଣ କରିଥାଉ । ସେହିପରି 'ଋ'ର ସ୍ୱତନ୍ତ୍ର ଉଚ୍ଚାରଣ ମଧ୍ୟ ନାହିଁ । 'ର+ଉ' ଭାବରେ ଏହା ଉଚ୍ଚାରିତ ହେଉଥିବାରୁ ଓଡ଼ିଆ ଭାଷାର ଉଚ୍ଚାରଣରେ ଏହାର ସ୍ୱରସତ୍ତାକୁ ଆଉ ଗ୍ରହଣ କରାଯାଉନାହିଁ ।

ସୁତରାଂ ଓଡ଼ିଆ ଭାଷାରେ ଅ, ଆ, ଇ, ଉ, ଏ, ଓ, ଐ, ଔ– ଏହି ୮ଟି ହେଲା ଉଚ୍ଚାରିତ ସ୍ୱରଧ୍ୱନିର ସ୍ୱରବର୍ଣ୍ଣ ସଂଖ୍ୟା ହେଉଛି– ୧୧ । ୧୧ଟି ସ୍ୱରବର୍ଣ୍ଣ ଏହିପରି– ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ ।

### ୧.୭ : ବ୍ୟଞ୍ଜନ ଧ୍ୱନି :

**ବ୍ୟଞ୍ଜନ ଧ୍ୱନି ଗୁଡ଼ିକର ଉଚ୍ଚାରଣ ସମୟରେ ବାୟୁର ଗତିରେ କୌଣସି ନା କୌଣସି ବାଧା ରହିଥାଏ। ଏହି ବାଧା ଦୁଇ ପ୍ରକାରର ହୋଇପାରେ । ବାଗ୍‌ଯନ୍ତ୍ରର ଦୁଇ ଅଂଶ ପରସ୍ପର ସହିତ ମିଳିତ ହୋଇ ବାୟୁ ମାର୍ଗକୁ ବନ୍ଦ କରି ଦେଇପାରନ୍ତି କିମ୍ବା ପାଖାପାଖି ରହି ଏକ ସଂକୀର୍ଣ୍ଣ ମାର୍ଗ ସୃଷ୍ଟି କରନ୍ତି । ବାୟୁ ଯଦି ଏହି ବାଧା ସହିତ କିମ୍ବା ସଂକୀର୍ଣ୍ଣ ମାର୍ଗରେ ଘଷି ହୋଇ ପ୍ରବାହିତ ହୁଏ ତାହେଲେ ବ୍ୟଞ୍ଜନ ଧ୍ୱନି ସୃଷ୍ଟି ହୁଏ ।**

ଓଡ଼ିଆରେ ବ୍ୟଞ୍ଜନ ଧ୍ୱନିଗୁଡ଼ିକୁ ସେମାନଙ୍କର ଉଚ୍ଚାରଣର ବିଧି ଓ ଉଚ୍ଚାରଣ ସ୍ଥାନ ଅନୁଯାୟୀ ସ୍ପର୍ଶ ଧ୍ୱନି, ସଂଘର୍ଷୀ ଧ୍ୱନି, ସ୍ପର୍ଶ ସଂଘର୍ଷୀ ଧ୍ୱନି, ଲୋଡ଼ିତ ଧ୍ୱନି, ପାର୍ଶ୍ୱିକ ଧ୍ୱନି, ଉତ୍‌କ୍ଷିପ୍ତ ଧ୍ୱନି ଓ ଅର୍ଦ୍ଧବ୍ୟଞ୍ଜନ ଆଦି ଭାଗରେ ବିଭକ୍ତ କରାଯାଏ । ତେବେ ଏ କ୍ଷେତ୍ରରେ ଓଡ଼ିଆ ବ୍ୟଞ୍ଜନ ଧ୍ୱନିଗୁଡ଼ିକର ସାଧାରଣ ପରିଚୟ ଦିଆଯାଉଅଛି ।

ଓଡ଼ିଆ ସ୍ପର୍ଶ ବ୍ୟଞ୍ଜନ ଧ୍ୱନିଗୁଡ଼ିକ ହେଲା-

| | | |
|---|---|---|
| ପ୍, ଫ୍, ବ୍, ଭ୍ | - | ଓଷ୍ଠ୍ୟ ସ୍ପର୍ଶ ବ୍ୟଞ୍ଜନ ଧ୍ୱନି |
| ତ୍, ଥ୍, ଦ୍, ଧ୍ | - | ଦନ୍ତ୍ୟ ସ୍ପର୍ଶ ବ୍ୟଞ୍ଜନ ଧ୍ୱନି |
| ଟ୍, ଠ୍, ଡ୍, ଢ୍ | - | ମୂର୍ଦ୍ଧଣ୍ୟ ସ୍ପର୍ଶ ବ୍ୟଞ୍ଜନ ଧ୍ୱନି |
| କ୍, ଖ୍, ଗ୍, ଘ୍ | - | କଣ୍ଠ୍ୟ ସ୍ପର୍ଶ ବ୍ୟଞ୍ଜନ ଧ୍ୱନି |

| | | |
|---|---|---|
| ଓଡ଼ିଆ ନାସିକ୍ୟ ଧ୍ୱନି | - | ଙ୍, ଣ୍, ନ୍, ମ୍ |
| ଓଡ଼ିଆ ସଂଘର୍ଷୀ ଧ୍ୱନି | - | ସ୍, ହ୍ |
| ଓଡ଼ିଆ ସ୍ପର୍ଶ ସଂଘର୍ଷୀ ଧ୍ୱନି | - | ଚ୍, ଛ୍, ଜ୍, ଝ୍ |
| ଓଡ଼ିଆ ଲୋଡ଼ିତ ଧ୍ୱନି | - | ର୍ |
| ଓଡ଼ିଆ ପାର୍ଶ୍ୱିକ ଧ୍ୱନି | - | ଲ୍, ଳ୍ |
| ଓଡ଼ିଆ ଉତ୍କ୍ଷିପ୍ତ ଧ୍ୱନି | - | ଡ଼୍, ଢ଼୍ |
| ଓଡ଼ିଆ ଅର୍ଦ୍ଧସ୍ୱର | - | ୟ, ୱ |

**ମନେରଖ :**

(କ) ଅର୍ଦ୍ଧସ୍ୱରଗୁଡ଼ିକ ବ୍ୟଞ୍ଜନ ଧ୍ୱନିଗୁଡ଼ିକଠାରୁ ବେଶୀ ମୁଖର ଓ ସ୍ୱରଧ୍ୱନିଗୁଡ଼ିକଠାରୁ କମ୍ ମୁଖର ।

(ଖ) ଓଡ଼ିଆରେ କ୍, ଖ୍, ଗ୍, ଘ୍, ଙ୍, ଚ୍, ଛ୍, ଜ୍, ଝ୍, ଟ୍, ଠ୍, ଡ୍, ଢ୍, ଡ଼୍, ଢ଼୍, ଣ୍, ତ୍, ଥ୍, ଦ୍, ଧ୍, ନ୍, ପ୍, ଫ୍, ବ୍, ଭ୍, ମ୍, ୟ୍, ର୍, ଲ୍, ଳ୍, ୱ୍, ସ୍, ହ– ଏହି ୩୩ଟି ବ୍ୟଞ୍ଜନ ଧ୍ୱନି ରୂପେ ଉଚ୍ଚାରିତ ହୁଏ । ଙ୍, ଞ୍, ଯ୍, ଶ୍, ଷ୍, ଃ– ଏହି ୬ଟି ଧ୍ୱନିର ମୌଳିକ ଉଚ୍ଚାରଣ ସ୍ୱାଭାବିକ କଥନରେ ନାହିଁ ।

ଧ୍ୱନିମାନଙ୍କର ବିଭାଗୀକରଣ ପରି ଓଡ଼ିଆ ଭାଷାରେ ବ୍ୟବହୃତ ବର୍ଣ୍ଣମାଳାକୁ ଦୁଇଗୋଟି ଭାଗରେ ବିଭକ୍ତ କରାଯାଏ । ସେ ଦୁଇଟି ହେଉଛି- (କ) **ସ୍ୱର ବର୍ଣ୍ଣ,** (ଖ) **ବ୍ୟଞ୍ଜନ ବର୍ଣ୍ଣ** ।

## ୧.୮ : ସ୍ୱରବର୍ଣ୍ଣ

ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ- ଏହି ଏଗାରଗୋଟି ସ୍ୱରବର୍ଣ୍ଣ ଓଡ଼ିଆ ଭାଷାରେ ବ୍ୟବହୃତ । 'ୠ' ଓ 'ଌ'ର ବ୍ୟବହାର ଓଡ଼ିଆଭାଷାରେ ନଥିବାରୁ ତାକୁ ସ୍ୱରବର୍ଣ୍ଣ ପର୍ଯ୍ୟାୟରେ ଆଉ ଗ୍ରହଣ କରାଯାଉ ନାହିଁ ।

## ୧.୯ : ବ୍ୟଞ୍ଜନ ବର୍ଣ୍ଣ

ଓଡ଼ିଆ ଭାଷାରେ ଯେଉଁ ୩୯ଗୋଟି ବ୍ୟଞ୍ଜନବର୍ଣ୍ଣ ରହିଛି ସେଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ–

(କ) ବର୍ଗ୍ୟ ବ୍ୟଞ୍ଜନ (ଖ) ଅବର୍ଗ୍ୟ ବ୍ୟଞ୍ଜନ

## ୧.୧୦ : ବର୍ଗ୍ୟ ବ୍ୟଞ୍ଜନ

କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ- ଏହି ପଚିଶଗୋଟି ବର୍ଣ୍ଣ ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣର ଅନ୍ତର୍ଗତ । ଏମାନଙ୍କୁ ପାଞ୍ଚଗୋଟି ଭାଗରେ ବିଭକ୍ତ କରାଯାଇଛି । ସେ ବିଭାଗଗୁଡ଼ିକ ହେଲା-

| | | | |
|---|---|---|---|
| 'କ'– ବର୍ଗ | କ, ଖ, ଗ, ଘ, ଙ | - | କଣ୍ଠ୍ୟ ବର୍ଗ |
| 'ଚ'– ବର୍ଗ | ଚ, ଛ, ଜ, ଝ, ଞ | - | ତାଲବ୍ୟ ବର୍ଗ |
| 'ଟ'– ବର୍ଗ | ଟ, ଠ, ଡ, ଢ, ଣ | - | ମୂର୍ଦ୍ଧଣ୍ୟ ବର୍ଗ |
| 'ତ'– ବର୍ଗ | ତ, ଥ, ଦ, ଧ, ନ | - | ଦନ୍ତ୍ୟ ବର୍ଗ |
| 'ପ'– ବର୍ଗ | ପ, ଫ, ବ, ଭ, ମ | - | ଓଷ୍ଠ୍ୟ ବର୍ଗ |

ତେବେ ଏହା ମଧ୍ୟରୁ 'ଞ'ର ବ୍ୟବହାର ଓଡ଼ିଆ ଭାଷାରେ ସୀମିତ ।

## ୧.୧୧ : ଅବର୍ଗ୍ୟ ବ୍ୟଞ୍ଜନ

ଯ, ୟ, ର, ଳ, ଲ, ୱ, ଶ, ଷ, ସ, ହ, କ୍ଷ, ଂ (ଅନୁସାର), ଃ (ବିସର୍ଗ) ଁ (ଚନ୍ଦ୍ରବିନ୍ଦୁ)- ଏହି ୧୪ ଗୋଟି ଅବର୍ଗ୍ୟ ବ୍ୟଞ୍ଜନ ଓଡ଼ିଆ ଭାଷାରେ ବ୍ୟବହୃତ ।

ଓଡ଼ିଆ ଭାଷାରେ ୧୧ ଗୋଟି ସ୍ୱର ବର୍ଣ୍ଣ ଓ ୩୯ ଗୋଟି ବ୍ୟଞ୍ଜନ ବର୍ଣ୍ଣ- ଏହିପରି ସର୍ବମୋଟ ୫୦ ଗୋଟି ବର୍ଣ୍ଣ ବ୍ୟବହୃତ ହେଉଅଛି । ଏହି ୫୦ଗୋଟି ବର୍ଣ୍ଣ ପାଇଁ ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ, କ, ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ୟ, ର, ଳ, ଲ, ୱ, ଶ, ଷ, ସ, ହ, କ୍ଷ, ଂ, ଃ, ଁ – ଏହିପରି ୫୦ଟି ସ୍ୱତନ୍ତ୍ର ଅକ୍ଷର 'ଲିପିମାଳା' ରୂପେ ଓଡ଼ିଆରେ ବ୍ୟବହୃତ ହୁଏ । କ୍ + ଷ୍ ମିଶି 'କ୍ଷ' ହୋଇଥିବା ଓ 'ଖ୍ୟ' ଭାବରେ ଉଚ୍ଚାରିତ ଏହି ଯୁକ୍ତାକ୍ଷରଟିକୁ ଓଡ଼ିଆ ଲିପିମାଳାରେ ସ୍ୱତନ୍ତ୍ର ବର୍ଣ୍ଣର ମର୍ଯ୍ୟାଦା ମିଳିଛି ।

## ୧.୧୨ : ମାତ୍ରା ଓ ଫଳା

ସ୍ୱରବର୍ଣ୍ଣ 'ଅ' ବ୍ୟତୀତ ଆଉ ପ୍ରତ୍ୟେକ ସ୍ୱରବର୍ଣ୍ଣର ଏକ ଏକ ସାଙ୍କେତିକ ଚିହ୍ନ ଦେଖିବାକୁ ମିଳେ । 'ଅ' ସ୍ୱରବର୍ଣ୍ଣର ସାଙ୍କେତିକ ରୂପ ନଥିବାର କାରଣ ହେଉଛି- ଏହା ପ୍ରତ୍ୟେକ ବ୍ୟଞ୍ଜନ ବର୍ଣ୍ଣ ସହିତ ମିଶିକରି ଥାଏ । ଯେପରିକି- କ୍ + ଅ = କ, ଖ୍ + ଅ = ଖ, ଗ୍ + ଅ = ଗ, ଘ୍ + ଅ = ଘ ପ୍ରଭୃତି । ମନେରଖିବାକୁ ହେବ ଯେ, ସ୍ୱରବର୍ଣ୍ଣର ସାଙ୍କେତିକ ରୂପ **'ମାତ୍ରା'** ନାମରେ ପରିଚିତ । ଏହାକୁ ଆମେ **'କାର'** ବୋଲି ମଧ୍ୟ କହିଥାଉ । (ଆ-କାର, ଇ-କାର, ଉ-କାର ପ୍ରଭୃତି) । ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକରେ ଏହି ମାତ୍ରାର ବ୍ୟବହାର ହୋଇଥାଏ । ତଳେ ସ୍ୱରବର୍ଣ୍ଣ, ତା'ର ସାଙ୍କେତିକ ରୂପ ବା ମାତ୍ରାଗୁଡ଼ିକୁ ଉଦାହରଣ ସହିତ ଦିଆଗଲା ।

| ସ୍ୱରବର୍ଣ୍ଣ | ମାତ୍ରା | | ଉଦାହରଣ |
|---|---|---|---|
| ଆ– | 'ା' | (ଆ-କାର) | ବା |
| ଇ– | 'ି' | (ଇ-କାର) | ପି, ଥି, ଥି |
| ଈ– | 'ୀ' | (ଈ-କାର) | ମୀ, କୀ |
| ଉ– | 'ୁ' | (ଉ-କାର) | ପୁ ସୁ |
| ଊ– | 'ୂ' | (ଊ-କାର) | ଦୂ |
| ଋ– | 'ୃ' | (ଋ-କାର) | ନୃ |
| ଏ– | 'େ' | (ଏ-କାର) | ରେ |
| ଐ– | 'ୈ' | (ଐ-କାର) | ସୈ |
| ଓ– | 'ୋ' | (ଓ-କାର) | ଗୋ |
| ଔ– | 'ୌ' | (ଔ-କାର) | କୌ |

ହ୍ରସ୍ୱ 'ଇ'କାର ପାଇଁ ସଙ୍କେତ ଦିଆଗଲାବେଳେ କେବଳ ଖ, ଥ, ଧ ବର୍ଣ୍ଣର ତଳେ କିମ୍ବା ଉପରେ (ଉପରେ ହେଲେ- 'ି' ଓ ତଳେ ହେଲେ 'ି') ଏବଂ ଅନ୍ୟ ବର୍ଣ୍ଣର ଉପରେ ('ି') ସଙ୍କେତଟି ଦିଆଯାଏ ।

## ୧.୧୩ : ଯୁକ୍ତ ବ୍ୟଞ୍ଜନ :

ବ୍ୟଞ୍ଜନ ବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣ ମିଶିକରି ରହିଲେ ଯୁକ୍ତ ବ୍ୟଞ୍ଜନ ବର୍ଣ୍ଣ ସୃଷ୍ଟି ହୁଏ । ଓଡ଼ିଆ ଭାଷାରେ ପ୍ରଚଳିତ ଯୁକ୍ତ ବ୍ୟଞ୍ଜନ ମଧ୍ୟରୁ କେତେଗୋଟି ଉଦାହରଣ ନିମ୍ନରେ ଦିଆଗଲା-

| | |
|---|---|
| କ୍ + ତ = କ୍ତ | ମ୍ + ବ = ମ୍ବ |
| ଚ୍ + ଞ = ଞ୍ଚ | ମ୍ + ଭ = ମ୍ଭ |
| ଣ୍ + ଟ = ଣ୍ଟ | ଶ୍ + ଚ = ଶ୍ଚ |
| ଜ୍ + ଞ = ଜ୍ଞ | ଷ୍ + ଟ + ର = ଷ୍ଟ୍ର |

ଯୁକ୍ତ ବ୍ୟଞ୍ଜନର ବ୍ୟବହାରକୁ ଆମେ ତିନିଗୋଟି ଦୃଷ୍ଟିକୋଣରୁ ବିଚାର କରିପାରିବା ।

(କ) ପ୍ରଥମ ବ୍ୟଞ୍ଜନ ବର୍ଣ୍ଣର ପୂର୍ଣ୍ଣ ରୂପ ତଳେ ଦ୍ୱିତୀୟ ବ୍ୟଞ୍ଜନ ବର୍ଣ୍ଣର ସଂକ୍ଷିପ୍ତ ରୂପକୁ ବ୍ୟବହାର କରାଯାଇଥାଏ । ଯେପରି- ଣ୍ଟ, ଣ୍ଡ, ଷ୍ପ... ପ୍ରଭୃତି ।

(ଖ) ପ୍ରଥମ ବ୍ୟଞ୍ଜନ ପୂର୍ଣ୍ଣ ରୂପେ ରହି ଦ୍ୱିତୀୟ ବ୍ୟଞ୍ଜନର ସାଙ୍କେତିକ ରୂପ ବ୍ୟବହୃତ ହୁଏ । ଯେପରି କ୍ତ, ନ୍ତ, ନ୍ଥ, ମ୍ବ, ମ୍ଭ... ପ୍ରଭୃତି ।

(ଗ) ଯୁକ୍ତ ବ୍ୟଞ୍ଜନର ଆରମ୍ଭରେ ଯଦି 'ର' ରହେ, ତେବେ ତା'ର ସଂକ୍ଷିପ୍ତ ରୂପକୁ 'ରେଫ୍' କୁହାଯାଏ । ରେଫ୍ ସଙ୍କେତଟି (ର୍) ବ୍ୟଞ୍ଜନ ଉପରେ ବ୍ୟବହୃତ ହୁଏ । ଯଥା :

| | |
|---|---|
| ର୍ + କ = ର୍କ = ତର୍କ, ଅର୍କ | ର୍ + ଗ = ର୍ଗ = ସର୍ଗ, ବର୍ଗ |
| ର୍ + ଘ = ର୍ଘ = ମହାର୍ଘ, ଦୀର୍ଘ | ର + ମ = ର୍ମ = ମର୍ମ, କର୍ମ |

(ଘ) ପ୍ରଥମ ବ୍ୟଞ୍ଜନ ଭାବରେ ନ୍ ଓ ସ୍ ସହିତ ଯଦି ତ୍ ଓ ର୍ ଯୁକ୍ତ ହୁଏ, ତା'ହେଲେ ସେହି ଯୁକ୍ତ ବ୍ୟଞ୍ଜନକୁ ସ୍ତ୍ର, ନ୍ତ୍ର ଭାବରେ ଲେଖାଯାଏ । ଏହା ମଧ୍ୟ ସ୍ତ୍ର, ନ୍ତ୍ର ଭାବରେ ଲେଖାଯାଏ (ବସ୍ତ୍ର, ତନ୍ତ୍ର,ମନ୍ତ୍ର)।

ଯୁକ୍ତ ବ୍ୟଞ୍ଜନର ସଂକ୍ଷିପ୍ତ ରୂପକୁ ଆମେ 'ଫଳା' ବୋଲି କହିଥାଉ । ଯେମିତି (୍ର)ର ନାମ ର-ଫଳା, (୍ମ)ର ନାମ 'ମ୍' ଫଳା ପ୍ରଭୃତି ।

ଏଠାରେ କେତେକ ଯୁକ୍ତ ବ୍ୟଞ୍ଜନର ପୂର୍ଣ୍ଣାଙ୍ଗ ଓ ସାଙ୍କେତିକ ରୂପ ପ୍ରଦାନ କରାଗଲା-

| **ପୂର୍ଣ୍ଣାଙ୍ଗ ରୂପ** | **ସାଙ୍କେତିକ ରୂପ** | **ଉଦାହରଣ** |
|---|---|---|
| କ୍ – | '୍କ' | ସ୍କ |
| ଜ – | '୍ଜ' | ଜ୍ଜ |
| ଡ୍ – | '୍ଡ' | ଣ୍ଡ |
| ଢ୍ – | '୍ଢ' | ଣ୍ଢ |
| ତ୍ – | '୍ତ, ୍ତ' | କ୍ତ, କ୍ତ |
| ଥ୍ – | '୍ଥ' | ସ୍ଥ |
| ବ୍,ଓ୍ୱ | '୍ୱ' | ମ୍ୱ, କ୍ୱ |
| ଭ – | '୍ଭ' | ମ୍ଭ |
| ଣ୍ – | '୍ଣ' | ଷ୍ଣ |
| ନ୍ – | '୍ନ' | ଘ୍ନ |
| ମ୍ – | '୍ମ' | ନ୍ମ |
| ଲ୍ – | '୍ଲ' | ଗ୍ଲ |
| ଳ – | '୍ଳ' | ଲ୍ଳ |
| ର – | '୍ର', 'ର୍' | ପ୍ର, ର୍ପ |
| ଯ – | '୍ୟ' | ଦ୍ୟ |

ମ ସହିତ '୍ୱ' (ବ-ବର୍ଣ୍ଣ) ସଂଯୁକ୍ତ ହେଲେ 'ମ୍ୱ' ହୁଏ । କିନ୍ତୁ ଅନ୍ୟ ବ୍ୟଞ୍ଜନ ବର୍ଣ୍ଣରେ ଏହି ଫଳା ସଂକେତଟି ସଂଯୁକ୍ତ ହେଲେ, ଏହା 'ଓ୍ୱ' ଫଳା ଭାବରେ ଉଚ୍ଚାରିତ ହୁଏ । ଯେପରି ସ୍ୱାଦ, ଦ୍ୱାର, ଅନ୍ୱୟ ପ୍ରଭୃତି ।

ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବା ଆଉ କେତେଗୁଡ଼ିଏ ଯୁକ୍ତ ବ୍ୟଞ୍ଜନ ସମ୍ପର୍କରେ ଏଠାରେ ଉଦାହରଣ ଦିଆଯାଇପାରେ । ସେଗୁଡ଼ିକ ହେଲା- ଙ୍କ, ଙ୍ଖ,ଙ୍ଗ ଙ୍ଘ, ନ୍ଦ, ନ୍ଧ, ମ୍ପ, ମ୍ଫ, ଞ୍ଚ, ଞ୍ଛ, ଞ୍ଝ, ଜ୍ଞ, ଟ୍ଟ, ଚ୍ଚ, ଚ୍ଛ, ଡ୍ଡ, ଦ୍ଦ, ଦ୍ଧ, ଧ୍ୱ, ଡ୍ଢ, ଦ୍ଭ, କ୍ଷ ଇତ୍ୟାଦି । କେତେକ ଶବ୍ଦକୁ ଏଭଳି ଯୁକ୍ତ ବ୍ୟଞ୍ଜନର ସାହାଯ୍ୟ ନନେଇ ପୃଥକ୍ ପୃଥକ୍ ବର୍ଣ୍ଣ ସାହାଯ୍ୟରେ ହଳନ୍ତ ( ୍ ) ଯୋଗେ ମଧ୍ୟ ଲେଖାଯାଇପାରେ । ଯଥା- ଉଦ୍‌ଭବ, ଅବ୍‌ଜ, ଉତ୍‌କର୍ଷ୍ଣ, ଉତ୍‌କଳ, ଉତ୍‌ସର୍ଗ, ଉତ୍‌ପାତ ପ୍ରଭୃତି ।

## ୧.୧୪ : ଓଡ଼ିଆ ଶବ୍ଦାବଳୀ

ଅର୍ଥ ପ୍ରଦାନ କରୁଥିବା ଗୋଟିଏ ବର୍ଣ୍ଣ କିମ୍ବା ବର୍ଣ୍ଣ ସମଷ୍ଟିକୁ **'ଶବ୍ଦ'** କୁହାଯାଏ । ଅର୍ଥବୋଧ ଆଣିପାରୁ ନଥିବା ବର୍ଣ୍ଣ ସମଷ୍ଟି (ପକର, ବିଗସ, ହନିକ, ନକବି ପ୍ରଭୃତି) କେବେହେଲେ ଶବ୍ଦ ପଦବାଚ୍ୟ ନୁହନ୍ତି । ଶବ୍ଦ ଯେତେବେଳେ ବାକ୍ୟରେ ବ୍ୟବହୃତ ହୁଏ, ତାକୁ ପଦ ବୋଲି କୁହାଯାଏ । ଶବ୍ଦ ହେଉଛି ଭାଷାର ବାହ୍ୟ ସ୍ତର ଓ ତା'ର ଅର୍ଥ ହେଉଛି ଭାଷାର ଅନ୍ତର୍ନିହିତ ସ୍ତର ।

## ୧.୧୫ : ତତ୍ସମ :

ଓଡ଼ିଆ ଭାଷାର ଶବ୍ଦ ଭଣ୍ଡାରକୁ ଚାରିଗୋଟି ପ୍ରଧାନ ଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା– ତତ୍ସମ ଶବ୍ଦ, ତଦ୍‌ଭବ ଶବ୍ଦ, ବୈଦେଶିକ ଶବ୍ଦ ଓ ଦେଶଜ ଶବ୍ଦ । ତତ୍ସମ ଶବ୍ଦଗୁଡ଼ିକ ଅବିକଳ ଭାବରେ ସଂସ୍କୃତରୁ ଆନୀତ । 'ତତ୍' ଓ 'ସମ'– ଏହାର ଅର୍ଥ ହେଉଛି ପୂର୍ବରୁ ଅର୍ଥାତ୍ ସଂସ୍କୃତରେ ଶବ୍ଦଗୁଡ଼ିକର ଆକୃତି ଯେପରି ଥିଲା ଏବେ ଠିକ୍ ସେହିପରି ଅଛି । କେତେଗୋଟି 'ତତ୍‌ସମ' ଶବ୍ଦର ଉଦାହରଣ- ଅହି, ଅଗ୍ନି, ଆନନ୍ଦ, କରୁଣା, ଫଳ, ପିତା, ନାସ୍ତିକ, ଷଷ୍ଠୀ, ରାଷ୍ଟ୍ର, ବିଷୟ, ସତ୍ୟ, ସୁନ୍ଦର ପ୍ରଭୃତି ।

ତତ୍‌ସମ ଶବ୍ଦର ଅନ୍ୟ ଗୋଟିଏ ନାଆଁ ଅଛି । ତାହା ହେଲା 'ସାଧୁ' ଶବ୍ଦ ବା ସଂସ୍କୃତ ଶବ୍ଦ ।

## ୧.୧୬ : ତଦ୍‌ଭବ :

ତଦ୍‌ଭବର ଅର୍ଥ ହେଲା- ତହିଁରୁ ଉଦ୍‌ଭବ, ଅର୍ଥାତ୍ ସଂସ୍କୃତରୁ ଜାତ । ଆମ ଭାଷାରେ ଏପରି କେତେକ ଶବ୍ଦାବଳୀ ରହିଛି, ଯାହା ସଂସ୍କୃତଭାଷାରୁ ସୃଷ୍ଟି ହୋଇ ଅବିକଳ ଭାବରେ ନରହି ପ୍ରାକୃତ ଓ ଅପଭ୍ରଂଶ ସ୍ତର ଦେଇ ଆସିଲାବେଳେ ସେଗୁଡ଼ିକର ସ୍ୱରୂପରେ ପରିବର୍ତ୍ତନ ଦେଖାଦେଇଛି । ଏହି ପରିବର୍ତ୍ତନ ଫଳରେ ମୂଳଶବ୍ଦଗୁଡ଼ିକର ଉଚ୍ଚାରଣ ଓ ଲିଖନ ପଦ୍ଧତି ବଦଳିଯାଇଛି । ଯେପରି-

| ମୂଳ ସଂସ୍କୃତଶବ୍ଦ | ତଦ୍‌ଭବ ଶବ୍ଦ | ମୂଳ ସଂସ୍କୃତଶବ୍ଦ | ତଦ୍‌ଭବ ଶବ୍ଦ |
|---|---|---|---|
| ଘୃତ ରୁ | ଘିଅ | ଶୃଗାଳ ରୁ | ଶିଆଳ |
| ନଗର ରୁ | ନଅର | ପୁତ୍ର ରୁ | ପୁଅ |
| ଭଗିନୀ ରୁ | ଭଉଣୀ | ମାତା ରୁ | ମାଆ |
| | | ମୃତ୍ତିକା ରୁ | ମାଟି ... ପ୍ରଭୃତି । |

## ୧.୧୭ : ଦେଶଜ ଶବ୍ଦ :

ଏପରି କେତେକ ଶବ୍ଦ ରହିଛି, ଯାହାକି, ସମୟ କ୍ରମେ ଜନସାଧାରଣଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ ଓ ସେଗୁଡ଼ିକ ଭାଷାରେ କାଳକାଳ ଧରି ପ୍ରଚଳିତ ହେବାରେ ଲାଗେ । ଆହୁରି ମଧ୍ୟ କେତେକ ଶବ୍ଦ ଆଦିବାସୀ ଭାଷା ବା ଦ୍ରାବିଡ଼ ଭାଷାମାନଙ୍କରୁ ଆସି ଲୋକମୁଖରେ ପ୍ରଚଳିତ ହୋଇଥାଏ । ଦେଶୀୟ ଲୋକ ବା ସାଧାରଣ ଜନତାର ଭାଷାରେ ଏହିସବୁ ବ୍ୟବହୃତ ହେଉଥିବାରୁ ଏହାକୁ ଦେଶଜ ଶବ୍ଦ ବା ଦେଶ୍ୟ ଶବ୍ଦ ନାମରେ ଅଭିହିତ କରାଯାଇଥାଏ । ଦୃଷ୍ଟାନ୍ତ ସ୍ୱରୂପ-ଅଣ୍ଡି, ଆଣ୍ଟ,ଉଇ,ଖଡ଼.ଟାପରା, ଖପରା, ଫାଉଡ଼ା, ଧଡ଼କ, ଟିଙ୍କ, କୁଲା, ଓରା, ଚାଳ, ଝାଟୁଆ ପ୍ରଭୃତି ।

ଦ୍ରାବିଡ଼ ଶବ୍ଦ; ଚୁଆ, ଚିତଉ, ଆରିସା, ଅଡ଼ା, ଏଣ୍ଡୁରୀ, ତୋଟା, ଆଦିବାସୀ ଶବ୍ଦ- ଟାଟିଆ, ପାଇଟି, ଢୋଲ, ବେଣ୍ଟ, ଅଟେଇ ପ୍ରଭୃତି ଏହାର ଉଦାହରଣ ।

## ୧.୧୮ : ବୈଦେଶିକ ଶବ୍ଦ

ବିଦେଶୀ ଭାଷାରୁ ଆଗତ ଶବ୍ଦ ସମୂହ ଓଡ଼ିଆ ଭାଷାର ଶବ୍ଦ ଭଣ୍ଡାରକୁ ମଧ୍ୟ ସମୃଦ୍ଧ କରିଛି । ଏହି ବୈଦେଶିକ ଭାଷାର ଶବ୍ଦଗୁଡ଼ିକୁ ଯାବନିକ ଶବ୍ଦ (ଆରବୀ, ପାର୍ସୀ, ତୁର୍କୀ) ଇଂରାଜୀ ଓ ପର୍ତ୍ତୁଗୀଜ ଶବ୍ଦ ରୂପେ ବିଭକ୍ତ କରାଯାଇ ପାରିବ । ଇତିହାସରୁ ଜଣାପଡ଼େ ଯେ ଆଫଗାନିସ୍ଥାନ, ତୁର୍କୀ ଓ ଇରାନ୍ ପ୍ରଭୃତି ଦେଶର ମୁସଲମାନ ଶାସକଗଣ ଭାରତବର୍ଷରେ ଶାସନ କରିଥିଲେ । ଓଡ଼ିଆ ଭାଷାରେ ପାର୍ସୀ ଓ ଆରବୀ ଶବ୍ଦାବଳୀ ପ୍ରବେଶ କଲା ଷୋଡ଼ଶ ଶତାବ୍ଦୀ ପରଠାରୁ । ଏହି ସମୟଠାରୁ ପ୍ରାୟ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ଯାଏ ଓଡ଼ିଶାରେ ଶାସନ କାର୍ଯ୍ୟ ମୁଖ୍ୟତଃ ପାର୍ସୀ ଭାଷାରେ ଚାଲୁଥିଲା । ଏବେ ମଧ୍ୟ କୋର୍ଟ, କଚେରୀ ପ୍ରଭୃତିରେ ଓ ଶାସନକାର୍ଯ୍ୟରେ ଆରବୀ ଓ ପାର୍ସୀ ଶବ୍ଦାବଳୀର ପ୍ରଭାବ ଦେଖିବାକୁ ମିଳେ । ତଳେ କେତେକ ମୂଳ ଆରବୀ, ପାର୍ସୀ ଓ ତୁର୍କୀ ଶବ୍ଦ ଓ ଓଡ଼ିଆ ଭାଷାରେ ତା'ର ପ୍ରଚଳିତ ରୂପ ଦିଆଗଲା–

| ପାର୍ସୀ | ଓଡ଼ିଆ | ଆରବୀ | ଓଡ଼ିଆ |
|---|---|---|---|
| ଆଇନ୍ | ଆଇନ | ଅଖ୍‌ତିଆର | ଅକ୍ତିଆର |
| କୟଫିୟଦ | କୈଫିୟତ୍ | କୁର୍କ | କୋରଖ |
| ଖାବିନ୍ଦ୍ | ଖାଉନ୍ଦ | ଖାତର୍ | ଖାତିର/ଖାତର |
| କୁର୍ତ୍ତା | କୁରୁତା | ଇସ୍ତବଲ୍ | ଅସ୍ତାବଲ |

### ଓଡ଼ିଆ ଭାଷାରେ ଇଂରାଜୀ ଶବ୍ଦ

୧୮୦୩ ମସିହାରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଓଡ଼ିଶାର ଶାସନ କାର୍ଯ୍ୟ ସହିତ ସ୍କୁଲ କଲେଜରେ ଶିକ୍ଷାଦାନର ମାଧ୍ୟମ ଭାବରେ ଇଂରାଜୀ ଭାଷାର ପ୍ରଚଳନ ହେଲା । ଇଂରାଜୀ ପଢୁଆ ଶିକ୍ଷିତଗୋଷ୍ଠୀ ସାମାଜିକ ଜୀବନରେ ପ୍ରତିଷ୍ଠା ପାଇବା ସହିତ ସେମାନେ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଆକୃଷ୍ଟ ହେବାରେ ଲାଗିଲେ । ଫଳରେ ଓଡ଼ିଆ ଭାଷାରେ ବହୁଳ ଭାବରେ ଇଂରାଜୀ ଶବ୍ଦର ପ୍ରଚଳନ ଘଟିଲା । ଏହି ପ୍ରଚଳନ ଆହୁରି ବ୍ୟାପକ ହେଲା ପରବର୍ତ୍ତୀ କାଳରେ । ଏବେ ଆମର ହାଣ୍ଡିଶାଳଠାରୁ ସ୍କୁଲ, କଲେଜ, ପ୍ରାଶାସନିକ କାର୍ଯ୍ୟାଳୟ ସବୁଠାରେ ଇଂରାଜୀ ଭାଷାର ଆଧିପତ୍ୟକୁ ଲକ୍ଷ୍ୟ କରିହେବ । ଉଦାହରଣ ସ୍ୱରୂପ;

| ଇଂରାଜୀ | | ଓଡ଼ିଆ | ଇଂରାଜୀ | | ଓଡ଼ିଆ |
|---|---|---|---|---|---|
| ଅଡର୍‌ଲି (Orderly) | – | ଅର୍ଦ୍ଦଳୀ/ଅର୍ଦ୍ଦଳି | ଟେବୁଲ୍ (Table) | – | ଟେବୁଲ |
| ଡେପୁଟି (Deputy) | – | ଦିପୋଟି | ବିସ୍କୁଟ (Biscuit) | – | ବିସ୍କୁଟ |
| ଗ୍ଲାସ୍ (Glass) | – | ଗିଲାସ | ସିମେଣ୍ଟ (Cement) | – | ସିମେଟ୍ / ସିମେଣ୍ଟ |

ଷୋଡ଼ଶ ଶତାବ୍ଦୀରେ ପର୍ତ୍ତୁଗୀଜ, (ପର୍ତ୍ତୁଗାଲ ଦେଶର) ଫରାସୀ, (ଫ୍ରାନ୍‌ସ ଦେଶର) ଦିନାମାର, (ଡେନ୍‌ମାର୍କ ଦେଶର) ଓଲନ୍ଦାଜ (ହଲାଣ୍ଡ ଦେଶର) ପ୍ରଭୃତି ଜଳପଥରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଭାରତକୁ ଆସିଥିଲେ । ଓଡ଼ିଆଭାଷାରେ କେତେକ ପର୍ତ୍ତୁଗୀଜ ଶବ୍ଦର ପ୍ରଚଳନ ମଧ୍ୟ ଦେଖାଯାଏ । ଉଦାହରଣ ସ୍ୱରୂପ ସେଥିରୁ କେତୋଟି ହେଲା–

| ପର୍ତ୍ତୁଗୀଜ | ଓଡ଼ିଆ | ପର୍ତ୍ତୁଗୀଜ | ଓଡ଼ିଆ |
|---|---|---|---|
| Alcatrao | ଆଲକାତରା | Couve | କୋବି |
| Alfinite | ଆଲପିନ୍ | Tanque | ଟାଙ୍କି |
| Armario | ଆଲମାରୀ | Tabaco | ତମାଖୁ |

ପର୍ତ୍ତୁଗୀଜମାନଙ୍କ ପରି ଫରାସୀ, ଓଲନ୍ଦାଜ, ଡିନାମାରମାନେ ବାଣିଜ୍ୟ ସୂତ୍ରରେ ଆମ ଦେଶକୁ ଆସିଥିଲେ ମଧ୍ୟ ସେହି ସବୁ ଭାଷାଗୁଡ଼ିକର ଶବ୍ଦାବଳୀ ଓଡ଼ିଆ ଭାଷାରେ ଖୁବ୍ କମ୍ । ଯଥା– ସିମେଇ, ସୋଡ଼ା, ଚେରି, ଚିଡ଼ିତନ, କୁପନ, ଦାମ୍, କର୍କ ।

## ୧.୧୯ : ଶବ୍ଦାର୍ଥ

ଶବ୍ଦ ଯେଉଁଥିରୁ ଗଢ଼ା ହୁଏ, ବ୍ୟାକରଣରେ ତାକୁ 'ଧାତୁ' ବୋଲି କୁହାଯାଏ । ଯେପରି– ଓଡ଼ିଆ ଭାଷାରେ 'ମାର୍', 'ଲାଗ୍', 'କାଟ୍', 'ଚାଲ୍', 'ଦେଖ୍', 'ରଖ୍', 'କର୍', 'ପଢ଼୍' ପ୍ରଭୃତି ଗୋଟିଏ ଗୋଟିଏ ଧାତୁ । ଧାତୁରୁ ଶବ୍ଦ ଗଢ଼ାହେବା ସହିତ ଗୋଟିଏ ଶବ୍ଦରୁ ଅନ୍ୟ ଶବ୍ଦ ମଧ୍ୟ ଗଢ଼ା ହୋଇଥାଏ । ଶବ୍ଦଗୁଡ଼ିକ ଅର୍ଥ ପ୍ରକାଶ କରନ୍ତି, ଫଳରେ କୌଣସି ବିଷୟ ସମ୍ପର୍କରେ ଆମର ଧାରଣା ହୋଇଥାଏ । ଶବ୍ଦର ଏହି ଅର୍ଥବୋଧକୁ ନେଇ ଶବ୍ଦକୁ ତିନିଗୋଟି ଭାଗରେ ବିଭକ୍ତ କରାଯାଏ । ସେଗୁଡ଼ିକ ହେଲା- ରୂଢ଼, ଯୌଗିକ ଓ ଯୋଗରୂଢ଼ ।

### ୧.୨୨.୧ : ରୂଢ଼ ଶବ୍ଦ

ଯେଉଁ ଶବ୍ଦ ପ୍ରକୃତି ପ୍ରତ୍ୟୟଗତ ଅର୍ଥ ପ୍ରକାଶ ନକରି ଭିନ୍ନ ଅର୍ଥ ପ୍ରକାଶ କରିଥାଏ, ତାହାକୁ ରୂଢ଼ ଶବ୍ଦ କୁହାଯାଏ । ଯେପରି ବ୍ୟାଘ୍ର ଶବ୍ଦ । ଏହି ଶବ୍ଦର ପ୍ରକୃତି ପ୍ରତ୍ୟୟଗତ ଅର୍ଥ ହେଲା- ଯିଏ ବିଶେଷ ରୂପେ ଆଘ୍ରାଣ କରେ । ମାତ୍ର ବ୍ୟାଘ୍ର ଶବ୍ଦଟି ଭିନ୍ନ ଅର୍ଥ ବୁଝାଉଛି । ତାହା ହେଉଛି– ହିଂସ୍ରଜନ୍ତୁ ବିଶେଷ । ସେହିପରି ବୃକ୍ଷ ଶବ୍ଦ । ଏହାର ପ୍ରକୃତି ପ୍ରତ୍ୟୟଗତ ଅର୍ଥ ହେଉଛି– ଯାହାକୁ ଛେଦନ କରାଯାଏ । କିନ୍ତୁ ଏହା ଗଛକୁ ବୁଝାଉଛି ।

### ୧.୧୯.୨ : ଯୌଗିକ ଶବ୍ଦ

ପ୍ରକୃତି ପ୍ରତ୍ୟୟଗତ ଅର୍ଥକୁ ଯେଉଁ ଶବ୍ଦ ପ୍ରକାଶ କରିଥାଏ, ତାକୁ ଯୌଗିକ ଶବ୍ଦ କହନ୍ତି; ଯଥା- ପଚ୍ + ଅକ = ପାଚକ । ଯିଏ ପାକ କରେ ସିଏ ପାଚକ । ଏହା ହିଁ ଶବ୍ଦର ସାଧାରଣ ଅର୍ଥ । ସେହିପରି ଲେଖକ, ପାଳକ, ନାୟକ ପ୍ରଭୃତି ଶବ୍ଦ ।

### ୧.୧୯.୩ : ଯୋଗରୂଢ଼ ଶବ୍ଦ

ଯେଉଁ ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥ ଅନେକ ବସ୍ତୁକୁ ବୁଝାଇବା ସମ୍ଭବ ହେଲେ ମଧ୍ୟ ସେ ଶବ୍ଦ ଗୋଟିଏ ମାତ୍ର ବସ୍ତୁକୁ ବୁଝାଏ, ତାକୁ ଯୋଗରୂଢ଼ ଶବ୍ଦ ବୋଲି କୁହାଯାଏ; ଯଥା- ପଙ୍କଜ । ଏହାର ବ୍ୟୁତ୍ପତ୍ତିଗତ ଅର୍ଥ ହେଲା ଯେ ପଙ୍କରୁ ଜାତ । ପଙ୍କରୁ ବିଭିନ୍ନ ପଦାର୍ଥ ଜାତ ହେଲେ ସୁଦ୍ଧା ପଙ୍କଜ କହିଲେ ଆମେ ପଦ୍ମଫୁଲକୁ ହିଁ ବୁଝିଥାଉ ।

## ୧.୨୦ : ଯୁଗ୍ମ ଶବ୍ଦ

ଓଡ଼ିଆ ଭାଷାରେ ଦୁଇଟି ଶବ୍ଦର ସଂଯୋଗରେ କେତେକ ଶବ୍ଦ ଗଠିତ ହୋଇଥାଏ । ଏହା ବିଭିନ୍ନ ପ୍ରକାରର ହୋଇଥାଏ ।

**(କ)** ପ୍ରାୟ ସମାର୍ଥକ ଦୁଇ ଶବ୍ଦର ସଂଯୋଗରେ ଗଠିତ ଯୁଗ୍ମଶବ୍ଦ– ଏକ ପ୍ରକାର ଅର୍ଥ ବା ପାଖାପାଖି ଅର୍ଥ ବୁଝାଉଥିବା ଦୁଇଟି ଶବ୍ଦର ସମାହାରରେ କେତେକ ଯୁଗ୍ମ ଶବ୍ଦ ଓଡ଼ିଆ ଭାଷାରେ ପ୍ରଚଳିତ । ଯେପରି– ଆଶାଭରସା, ଟଙ୍କାପଇସା, ହାଟବଜାର, ଦେଖାଚାହାଁ, ଧାନଚାଉଳ, କଳିକଜିଆ, ଲିପାପୋଛା ପ୍ରଭୃତି ।

**(ଖ)** ବିପରୀତାର୍ଥବୋଧକ ଦୁଇଟି ଶବ୍ଦ ସଂଯୋଗରେ ଗଠିତ ଯୁଗ୍ମଶବ୍ଦର ଉଦାହରଣ- ଏହି ଧରଣର ଯୁଗ୍ମ ଶବ୍ଦଗୁଡ଼ିକ ଆଗପଛ, ଦୁଃଖସୁଖ, ପାପପୁଣ୍ୟ, ଦବାନବା, ହାନିଲାଭ ପ୍ରଭୃତି ।

**(ଗ)** ଅର୍ଥ ସୂଚକ ଓ ନିରର୍ଥକ ଶବ୍ଦ ସଂଯୋଗରେ ଗଠିତ ଯୁଗ୍ମଶବ୍ଦ- ଅଦଳବଦଳ, ଅନ୍ଧିସନ୍ଧି, ପନିପରିବା, ପିଲାପିଚିକା ପ୍ରଭୃତି ।

**(ଘ)** **ଦ୍ୱିରୁକ୍ତି ଦ୍ୱାରା ଗଠିତ ଯୁଗ୍ମଶବ୍ଦ-** ଗୋଟିଏ ଶବ୍ଦକୁ ଦୁଇଥର ବିରାମ ନଦେଇ କହିବା ହେଉଛି ଦ୍ୱିରୁକ୍ତି । ଏହା ଅବିକଳ ଦୁଇ ଶବ୍ଦର ସଂଯୋଗରେ ହୋଇପାରେ କିମ୍ବା ସାମାନ୍ୟ ପରିବର୍ତ୍ତନ ସହ ମଧ୍ୟ କୁହାଯାଇଥାଏ । ଯଥା ଘରଘର, ଖାଇଖାଇ, ଥରଥର, ଛଳଛଳ, କଡ଼ାକଡ଼ି, ଧରାଧରି, ରଖାରଖି ।

**(ଙ)** **ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ–** କେତେକ ଧ୍ୱନ୍ୟାତ୍ମକ ଶବ୍ଦକୁ ଦ୍ୱିରୁକ୍ତି କଲେ ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ ହୁଏ । ଯଥା : ଝମ୍‌ଝମ୍, ଫଟ୍‌ଫଟ୍, ଖସ୍‌ଖସ୍, ଗଁଗଁ, ଫର୍‌ଫର୍, ଫଁଫଁ, ଖଟ୍‌ଖଟ୍, ଧୁମ୍‌ଧାମ୍ ପ୍ରଭୃତି ।

## ୧.୨୧ : ସମୋଚ୍ଚାରିତ ଓ ପ୍ରାୟ ସମୋଚ୍ଚାରିତ ଶବ୍ଦ

କେତେକ ଶବ୍ଦ ସମାନ ପ୍ରକାର ଉଚ୍ଚାରିତ ହେଲେ କିମ୍ବା ସମାନ ପ୍ରକାର ଉଚ୍ଚାରିତ ହେବା ଭଳି ମନେହେଲେ ମଧ୍ୟ ସେଥିରେ ଅର୍ଥଗତ ପାର୍ଥକ୍ୟ ଦେଖାଯାଏ । ଏହିସବୁ ଶବ୍ଦକୁ ସମୋଚ୍ଚାରିତ ଶବ୍ଦ ବା ପ୍ରାୟ ସମୋଚ୍ଚାରିତ ଶବ୍ଦ ନାମରେ ଅଭିହିତ କରାଯାଏ । ଉଦାହରଣ ସ୍ୱରୂପ :

- ଅସି – ଖଣ୍ଡା
  ଅଶୀ – ୮୦ (ସଂଖ୍ୟା ବାଚକ)
- ଈଶ – ମାଲିକ / ପ୍ରଭୁ / ଈଶ୍ୱର
  ଈଷ – ଲଙ୍ଗଳ ଦଣ୍ଡ
- କୁଜନ – ଖରାପ ଲୋକ
  କୂଜନ – ପକ୍ଷୀଙ୍କ ରାବ ବା ଶବ୍ଦ
- ଗୋଲକ – ଗୋଲାକାର ବସ୍ତୁ
  ଗୋଲୋକ – ବୈକୁଣ୍ଠଧାମ

- ଜାତ – ଜନ୍ମ

  ଯାତ – ଯାତ୍ରା / ଉତ୍ସବ
- ଦିନ – ଦିବସ

  ଦୀନ – ଦରିଦ୍ର
- ସ୍ୱାକ୍ଷର – ଦସ୍ତଖତ

  ସାକ୍ଷର – ଯେ ଲେଖି ଜାଣନ୍ତି
- ଶୀଳ – ସ୍ୱଭାବ

  ଶିଳ – ମସଲା ବଟାଯିବା ପଥର

## ୧.୨୨ : ବିପରୀତାର୍ଥ ବୋଧକ ଶବ୍ଦ

କେତେକ ଶବ୍ଦ ରହିଛି ଯେଉଁଗୁଡ଼ିକର ସ୍ୱତନ୍ତ୍ର ବିପରୀତାର୍ଥ ବୋଧକ ଶବ୍ଦ ଥାଏ । କେତେକ ଶବ୍ଦର ବିପରୀତାର୍ଥ ବୋଧକ ଶବ୍ଦ ନଞ୍ ତତ୍ପୁରୁଷ (ମେଳ – ଅମେଳ, ଆଦର – ଅନାଦର, ଆୟତ୍ତ – ଅଣାୟତ୍ତ ପ୍ରଭୃତି) ଦ୍ୱାରା ହୁଏ । ତେବେ ବିପରୀତାର୍ଥବୋଧକ ଶବ୍ଦ ନିର୍ଣ୍ଣୟ କଲାବେଳେ ମୂଳ ଶବ୍ଦ ଯେଉଁ ପଦ (ବିଶେଷ୍ୟ ବା ବିଶେଷଣ) ହେବ ବିପରୀତାର୍ଥବୋଧକ ଶବ୍ଦଟି ସେହି ପଦ ହେବା ଉଚିତ । ସଂସ୍କୃତ ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ସଂସ୍କୃତ ଓ ଦେଶଜ ଶବ୍ଦର ଦେଶଜ ହେବା ଆବଶ୍ୟକ । ଉଦାହରଣସ୍ୱରୂପ :

| | | | |
|---|---|---|---|
| ଅଭିଜ୍ଞ – | ଅନଭିଜ୍ଞ | ନୂତନ – | ପୁରାତନ |
| ଅସଲି – | ନକଲି | ଦୁଃଖୀ – | ସୁଖୀ |
| ଆସ୍ତିକ – | ନାସ୍ତିକ | ନରକ – | ସ୍ୱର୍ଗ |
| ଆଶୀର୍ବାଦ – | ଅଭିଶାପ | ପୁରସ୍କାର – | ତିରସ୍କାର |
| ଉଠାଣି – | ଗଡ଼ାଣି | ଭୁଲ୍ – | ନିର୍ଭୁଲ୍, ଠିକ୍ |
| କଠିନ – | କୋମଳ | ମାନ – | ଅପମାନ |
| ଗଲି – | ଅଇଲି / ଆସିଲି | ସୁନ୍ଦର – | କୁତ୍ସିତ, ଅସୁନ୍ଦର |
| ଜୟ – | ପରାଜୟ | ହାନି – | ଲାଭ |
| ଦୋଷୀ – | ନିର୍ଦ୍ଦୋଷ | କ୍ଷମ – | ଅକ୍ଷମ |